# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 December - 2024**

**News Editor : Itishree Singh Rathaur**

***********************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ୫ ଦିନିଆ ରାଜସ୍ଥାନ ଓ ନୂଆଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅଧିକ ହେନ୍ତାଳ ବଣ ସୃଷ୍ଟି ଲାଗି ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି
- ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ସୁରକ୍ଷା ପାଇଁ ମୁତୟନ ହେବେ ସ୍ୱତନ୍ତ୍ର, ସଶସ୍ତ୍ର ପୁଲିସ୍ ବାହିନୀ

ଏବଂ

- ପୁରୀ ଶ୍ରୀମନ୍ଦିରରେ ନୂଆବର୍ଷରୁ ଆରମ୍ଭ ହେବ ନୂତନ ଦର୍ଶନ ବ୍ୟବସ୍ଥା

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ୫ ଦିନିଆ ଦିଲ୍ଲୀ ଓ ରାଜସ୍ଥାନ ଗସ୍ତରେ ଯାଉଛନ୍ତି। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଆଜିଠାରୁ ୨୧ ତାରିଖ ଶନିବାର ପର୍ଯ୍ୟନ୍ତ ରାଜସ୍ଥାନରେ ରହିବେ। ୨୧ ତାରିଖ ଦିନ ରାଜସ୍ଥାନରୁ ବାହାରି ୩ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ରାଜସ୍ଥାନ ପ୍ରାକ୍ ବଜେଟ୍ ଆଲୋଚନାରେ ଭାଗ ନେବେ ବୋଲି ଜଣାପଡିଛି। ସେହିଭଳି ଦିଲ୍ଲୀରେ ଶ୍ରୀ ମାଝୀ ୫୫ତମ ଜି.ଏସ.ଟି. ପରିଷଦ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ୨୩ ତାରିଖ ଦିନ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

## ଗୋନାସିକା ମହୋତ୍ସବ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଚମ୍ପୁଆସ୍ଥିତ ସରକାରୀ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଗତକାଲି ଜିଲ୍ଲାରେ ଗୋନାସିକା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ 'କେନ୍ଦୁଝର ଜିଲ୍ଲାରେ ଅମାପ ପ୍ରାଚୁର୍ଯ୍ୟ ଓ ପର୍ଯ୍ୟାପ୍ତ ସୁଯୋଗ ରହିଛି, ସମସ୍ତ ସମ୍ଭାବନାକୁ ଉଚିତ ମାର୍ଗରେ ନେଇ ସ୍ୱପ୍ନ ପୂରଣ କରିହେବ।' ଅନେକ କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ସମଗ୍ର ରାଜ୍ୟ ପାଇଁ ପ୍ରେରଣାଦାୟକ ହୋଇଛି ଏବଂ କଳା, ସଂସ୍କୃତି ଓ ପରମ୍ପରା ସମୃଦ୍ଧ କରିବା ଦିଗରେ ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ।

## ଅମିତ ଶାହା – ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତଶାହା ଚଳିତମାସ ଶେଷ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି, ଶ୍ରୀ ଶାହା ଭୁବନେଶ୍ୱରରେ ବିଧାୟକମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ କେତେକ ବିକାଶମୂଳକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ତେବେ କାର୍ଯ୍ୟକ୍ରମ ଚୂଡାନ୍ତ ହେବା ପରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି।

## ଧାନ ସଂଗ୍ରହ ପ୍ରକ୍ରିୟା

ଧାନ ସଂଗ୍ରହ ପ୍ରକ୍ରିୟାରେ କଟନୀ-ଛଟନୀ ବନ୍ଦ ନ ହେଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି, ଧାନ ସଂଗ୍ରହ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଚାଷୀମାନଙ୍କର ଅଭିଯୋଗର ସମାଧାନ ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ତଥା ମଣ୍ଡିଗୁଡ଼ିକରେ ନୋଡାଲ ଅଫିସର ମୁତୟନ ହୋଇଛନ୍ତି। ଯୋଗାଣ ବିଭାଗକୁ ଦୁର୍ନୀତିମୁକ୍ତ କରାଯାଇ ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି।

## ହେନ୍ତାଳ ବଣ

ରାଜ୍ୟକୁ ବାତ୍ୟା ପ୍ରଭାବ ଏବଂ ଉପକୂଳ କ୍ଷୟରୁ ରୋକିବା ପାଇଁ ହେନ୍ତାଳ ବଣ ସୃଷ୍ଟି କରିବା ନେଇ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ଉପକୂଳ ପଶ୍ଚିମବଙ୍ଗ ସୀମାନ୍ତ ଅଂଚଳରୁ ଆନ୍ଧ୍ରପ୍ରଦେଶ ସୀମାନ୍ତ ବହୁଳ ମାତ୍ରାରେ

ହେନ୍ତାଳବଣ ଏବଂ ପାଇନ୍ ଜାତୀୟ ବୃକ୍ଷ ଲଗାଯିବା ନେଇ ବୈଠକରେ ସ୍ଥିର କରାଯାଇଛି। ଏହି ସବୁ ଜାତୀୟ ବୃକ୍ଷ ଲଗାଯିବା ଦ୍ୱାରା ବାତ୍ୟା ଏବଂ ଉପକୂଳ କ୍ଷୟକୁ ହ୍ରାସ କରାଯାଇ ପାରିବ ବୋଲି ପ୍ରାରମ୍ଭିକ ସ୍ତରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଜଣାପଡିଛି। ଏହି ସର୍ବେକ୍ଷଣ କାର୍ଯ୍ୟ ଆସନ୍ତା ଫେବୃୟାରୀ ମାସରେ ଶେଷ ହେବ। ଜମି ଚିହ୍ନଟ ପରେ ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ହେନ୍ତାଳବଣ ସୃଷ୍ଟି ପାଇଁ ଏକ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ କରାଯିବ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ସ୍ୱତନ୍ତ୍ର ରିଲିଫ କମିଶନର ଆବଶ୍ୟକୀୟ ଅର୍ଥ ମଞ୍ଜୁର କରିବେ ବୋଲି ବୈଠକରୁ ସୂଚନା ମିଳିଛି।

## ଶିମିଳିପାଳ- ପୁଲିସ୍ କମ୍ପାନୀ

ମୟୂରଭଞ୍ଜ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଏକ କମ୍ପାନୀ, ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ୍ ବାହିନୀ ମୁତୟନ କରିବେ। ଅଭୟାରଣ୍ୟକୁ ଜଗିବା ନିମନ୍ତେ ୧୩୧ ଜଣିଆ ଏକ ସ୍ୱତନ୍ତ୍ର ଆର୍ମଡ୍ ପୁଲିସ୍ ରିଜର୍ଭ କମ୍ପାନୀ ଗଠନ କରାଯିବ ବୋଲି ଗୃହ ସଚିବ ସତ୍ୟବ୍ରତ ସାହୁ ଆକାଉଣ୍ଟ ଜେନେରାଲଙ୍କୁ ଅବଗତ କରିଛନ୍ତି। ଏହି କମ୍ପାନୀରେ ଜଣେ କମାଣ୍ଡାଣ୍ଟ, ଜଣେ ଇନିସ୍‌ପେକ୍ଟର, ୩ ଜଣ ସବ୍‌ଇନିସ୍‌ପେକ୍ଟର, ୩ ଜଣ ଆସିଷ୍ଟାଣ୍ଟ ସବ୍‌ଇନିସ୍‌ପେକ୍ଟର ଆଦି ରହିବେ। ମୟୂରଭଞ୍ଜ ଏସ୍.ପି. ଏହାର ପ୍ରଶାସନିକ ଦାୟିତ୍ୱରେ ରହିବେ ଏବଂ ଏହି କମ୍ପାନୀର ସମସ୍ତ ଖର୍ଚ୍ଚ ଜଙ୍ଗଲ ଓ ପରିବେଶ ବିଭାଗ ବହନ କରିବ ବୋଲି ସରକାରୀ ଭାବେ କୁହାଯାଇଛି।

## ଶ୍ରୀମନ୍ଦିର-ବାରିକେଡ୍ ବ୍ୟବସ୍ଥା

ପୁରୀ ଶ୍ରୀମନ୍ଦିରରେ ନୂଆବର୍ଷରୁ ଶ୍ରୀଜୀଉଙ୍କ ନୂତନ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି, ନାଟ ମଣ୍ଡପରେ ସ୍ୱତନ୍ତ୍ର ବାରିକେଡ୍ ଲଗାଯାଇ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ବାରିକେଡ୍ ଭିତରେ ପୁରୁଷ-ମହିଳା ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଧାଡି ରହିବ। ସେହିଭଳି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନେଇ ଖୁବ୍‌ଶୀଘ୍ର ସେବାୟତଙ୍କ ସହିତ ଆଲୋଚନା କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାର ମରାମତି କାର୍ଯ୍ୟ ମହାପ୍ରଭୁଙ୍କ ନୀତିକାନ୍ତିକୁ ଦୃଷ୍ଟିରେ ରଖି କରାଯାଉଛି। ନୀତିକାନ୍ତି ଶୃଙ୍ଖଳିତ କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ଆୟୁଷ୍ମାନ ଭାରତ

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ତିନିଜଣିଆ କେନ୍ଦ୍ରୀୟ ଦଳ ସରକାରଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ଚାଲିଥିବା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନାକୁ କିଭଳି ଏକତ୍ର କାର୍ଯ୍ୟକାରୀ କରାଯିବ, ଏହା ଉପରେ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି।

## ଯକ୍ଷ୍ମାରୋଗ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **ବରଗଡ଼** ଜିଲ୍ଲାର ୧୨ଟି ବ୍ଲକ୍‌ରେ ଆରମ୍ଭ ହୋଇଛି। ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ଜରିଆରେ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଉଛି। ୨୦୨୩ ମସିହା ସୁଦ୍ଧା ଜିଲ୍ଲାରୁ ୧୭ ଶହ ୯୮ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ଜିଲ୍ଲାରେ ୯୦ ଜଣ ଯକ୍ଷ୍ମାରୋଗୀଙ୍କ ମୃତ୍ୟୁ ହୋଇଥିବାବେଳେ ୯୧ ଦଶମିକ ୯/୫ ପ୍ରତିଶତ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଜାତୀୟ ଯକ୍ଷ୍ମାମୁକ୍ତ ଅଭିଯାନର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ **ଶୋଭନ କୁମାର କର** ଆକାଶବାଣୀକୁ କହିଛନ୍ତି.....

# - V/O –

## ଯୁକ୍ତ ଦୁଇ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ନିମନ୍ତେ ୧ ହଜାର ୨ ଶହ ଛଅସ୍ତରିଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏଥିରେ ୮ଟି ଉପ-ପରୀକ୍ଷା କେନ୍ଦ୍ର ରହିଛି । ସୂଚନା ଅନୁଯାୟୀ, ଆସନ୍ତାବର୍ଷ ଫେବୃୟାରୀ ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ପରୀକ୍ଷାରେ ୩ ଲକ୍ଷ ୯୨

ହଜାର ୮ ଶହ ସତଷଠି ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ପରିଷଦ ପକ୍ଷରୁ ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶିତ ହୋଇଛି ।

## ଖଦୀମେଳା

ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖଦୀମେଳା ଆଜି ଉଦ୍‌ଯାପିତ ହେବ । ଗତ ୧୦ ତାରିଖରୁ ଏହି ମେଳା ଆରମ୍ଭ ହୋଇଥିବାବେଳେ ଉଦ୍‌ଘାଟନୀ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଖଦୀର ସଂରକ୍ଷଣ ଓ ପ୍ରଚାର ପ୍ରସାର କରିବା ଏହି ମେଳାର ମୂଳ ଲକ୍ଷ୍ୟ । ଚଳିତବର୍ଷ ୩୨ଟି ଖଦୀ, ୬୩ଟି ଗ୍ରାମୋଦ୍ୟୋଗ ପରି ୧୦୦ଟି ଷ୍ଟଲ୍ ଖୋଲାଯାଇଛି । ଅରଟରେ ସୂତାକଟା, ତନ୍ତରେ ଲୁଗାବୁଣା ଆଦିର ଜୀବନ୍ତ ପ୍ରଦର୍ଶନୀ ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

## ଗଜପତି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମଠାରେ ୫ ଦିନିଆ ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଏଥିରେ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବର ପ୍ରଥମ ଦିନରେ ବିଭିନ୍ନ ଜିଲ୍ଲା ଓ ରାଜ୍ୟର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସ୍ପେଶାଲ ଟ୍ରେନ୍-କୁମ୍ଭମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ସମୟରେ ଯାତ୍ରୀଙ୍କ ଆଶାତୀତ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ରେଳବାଇ ୩୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା ଘୋଷଣା କରିଛି। ଜାନୁଆରି ୧୩ରୁ ଫେବ୍ରୁଆରି ୨୬ ତାରିଖ ପର୍ଯ୍ୟନ୍ତ ପ୍ରୟାଗରାଜରେ ମହାକୁମ୍ଭ ମେଳା ଅନୁଷ୍ଠିତ ହେବ।

କୁମ୍ଭମେଳା ସ୍ୱତନ୍ତ୍ର ଟ୍ରେନ୍‌ର ବୁକିଂ ଆସନ୍ତାକାଲିଠାରୁ ସମସ୍ତ ପି.ଆର୍.ଏସ୍ କେନ୍ଦ୍ର ଏବଂ irctc.co.in ୱେବସାଇଟ୍‌ରେ ଆରମ୍ଭ ହେବ।

## ପାଣିପାଗ

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ରାଉରକେଲାରେ ରାତିର ସର୍ବନିମ୍ନ ତାପମାତ୍ରା ୮ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ତେବେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବ ବୋଲି ସୂଚନା ମିଳିଛି। କଳାହାଣ୍ଡି, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୁହୁଡି ଅନୁଭୂତ ହେବା ନେଇ ଆକଳନ କରାଯାଇଛି।

ଅପରପକ୍ଷରେ, ରାଜ୍ୟର କେତେକ ସ୍ଥାନରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କଟକ, ପୁରୀ ଆଦି ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

*******************************